### ନିଖୋଜ ଶିଶୁକନ୍ୟା ଉଦ୍ଧାର

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ତୁଳସୀଚଉରା ଅଞ୍ଚଳରୁ ନିଖୋଜ ଥିବା ଜଣେ ଶିଶୁକନ୍ୟା ଉଦ୍ଧାର ହୋଇଛନ୍ତି। ୮ବର୍ଷର ଉକ୍ତ ଶିଶୁକନ୍ୟା ଶନିବାର ପୂର୍ବାହ୍ନ ୧୧ଟାରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୯୨୪/୨୦)ରୁଜୁ କରି ତଦନ୍ତ ଚଳାଇଥିଲା। ପାଠପଢ଼ା ଭୟରେ ଘରଠାରୁ କିଛି ଦୂରରେ ଲୁଚି ଥିବା ଉକ୍ତ ଶିଶୁକନ୍ୟାଙ୍କୁ ସୋମବାର ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ମିଳିଛି।

## ସଂକ୍ଷେପରେ

### ଫେରାର ଦମ୍ପତି ଗିରଫ

**ଏସ୍ଏଚଜିରୁ ୮ଲକ୍ଷ ଠକେଇ ଘଟଣା**

**ପାଟଣା, ୨୦।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ବିନିଦା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚଜି)ଠାରୁ ୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଫେରାର ଥିବା ଦମ୍ପତିଙ୍କୁ ରବିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦମ୍ପତି ହେଲେ ନନ୍ଦକିଶୋର ସେଠୀ ଓ ତାଙ୍କ ସ୍ତ୍ରୀ ଜାନକୀ । ୨୦୧୯ ଅଗଷ୍ଟରେ ଏହି ଦମ୍ପତି ଉକ୍ତ ଗ୍ରାମର ଏସ୍ଏଚଜିଙ୍କୁ ହଳଦୀ ପେଶାମେସିନ, ଖଲି ଚଉପତି ତିଆରି ମେଶିନ ଓ ତେଲ ପେଶା ମେଶିନ କିଣି ଆଣିଦେବେ କହି ୮ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସେହି ସମୟରେ ତୁରୁମୁଙ୍ଗା ଥାନାରେ ଏକ ଠକେଇ ମାମଲା(ନଂ.୮୨/୧୯) ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ୩/୪ ଦିନ ପୂର୍ବରୁ ନନ୍ଦକିଶୋର ଗାଁକୁ ଫେରିବା ସୂଚନା ପାଇ ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ନନ୍ଦକିଶୋରଙ୍କୁ ଜେରା କରିବାରୁ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ ପତ୍ତା ପାଇଥିଲେ। ଭୁବନେଶ୍ୱରରୁ ଜାନକୀ ଧରାପଡିବା ପରେ ଏହି ଦମ୍ପତିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏସ୍ଏଚ୍‌ଜି ମହିଳାମାନେ ଋଣ ଟଙ୍କା କିଭଳି ଶୀଘ୍ର ଫେରିପାଇବେ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

### ସରକାରୀ କାର୍ଯ୍ୟାଳୟରେ ମଦ, ମାଂସର ଆସର

**ସଜନାଗଡ଼, ୨୦।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଏକ ସରକାରୀ କାର୍ଯ୍ୟାଳୟରେ ରବିବାର ପୂର୍ବତନ ଯନ୍ତ୍ରୀ ଓ କେତେଜଣ ଠିକାଦାର ମିଶି ମଦ ଓ ମାଂସର ଆସର ଜମାଇଥିବା ଅଭିଯୋଗ ହୋଇଛି। ଖବରପାଇ ଗଣମାଧମ ପ୍ରତିନିଧିମାନେ ପହଞ୍ଚି ଏହାର ଫଟୋ ଉତ୍ତୋଳନ କରୁଥିବା ବେଳେ ଆସରରେ ସମ୍ପୃକ୍ତ ବ୍ୟକ୍ତିମାନେ କ୍ୟାମେରା ଛଡ଼ାଇ ନେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟାଳୟରେ ଜନୈକ କର୍ମଚାରୀ ମଧ ଗଣମାଧମ ପ୍ରତିନିଧିଙ୍କୁ ଜାତିଗତ ଆକ୍ଷେପ କରି ଗାଳିଗୁଳଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ନୀଳଗିରି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ କାର୍ଯ୍ୟାଳୟର ଉକ୍ତ କର୍ମଚାରୀ ଗଣମାଧମ ପ୍ରତିନିଧିଙ୍କ ନାଁରେ ପାଲଟା ଏକ ଅଭିଯୋଗ କରିଥିବା ସୂଚନା ମିଳିଛି।

### ଟ୍ରେନ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୨୦।୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଛଣୁଆ ରେଳ ଷ୍ଟେଶନ ନିକଟରେ ରବିବାର ଟ୍ରେନ ଧକ୍କାରେ ରେଳଲାଇନ୍‌ରେ କାର୍ଯ୍ୟରତ ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଖରସୁଆଁ ଅଞ୍ଚଳର ଅଙ୍କିତ ମିଶ୍ରା। ଦୁର୍ଘଟଣାର କିଛି ସମୟ ପରେ ଅନ୍ୟ ଏକ ମାଲବାହୀ ଟ୍ରେନ୍ ଟାଟାନଗରରୁ ବାଦାମପାହାଡ଼ ଆସୁଥିବା ବେଳେ ଗ୍ରାମବାସୀ ଉକ୍ତ ଟ୍ରେନକୁ ସେଠାରେ ଅଟକାଇ ତୁରନ୍ତ ରେଳଲାଇନରୁ ଯୁବକଙ୍କ ମୃତଦେହ ବାହାର କରିବା ପାଇଁ ଜିଦ୍ ଧରି ବସିଥିଲେ। ଫଳରେ କିଛି ସମୟ ଧରି ଉକ୍ତ ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ପରେ ରେଳଲାଇନରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ମହାମାରୀ ଆରମ୍ଭରୁ ମାନ୍ଦା

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୨୦।୧୨**

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ମାଛଧରା ବନ୍ଦର ତଥା ଉତ୍ତର ଓଡ଼ିଶାର ପ୍ରମୁଖ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ବାଲେଶ୍ୱର ବଳରାମଗଡ଼ି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧ଲକ୍ଷ ଲୋକ ନିର୍ଭର କରନ୍ତି। ଏଠାରୁ ହଜାର ହଜାର ଟ୍ରଲର ମାଛ ଧରିବା ଲାଗି ଗଭୀର ସମୁଦ୍ରକୁ ଯାଇଥାନ୍ତି। ବିଦେଶରେ ବଳରାମଗଡ଼ି ପାମ୍ପଲେଟ୍ ମାଛର ଚାହିଦା ରହିଥିବାରୁ ପ୍ରଚୁର ମାତ୍ରାରେ ରପ୍ତାନି ମଧ ହୋଇଥାଏ। ହେଲେ ମହାମାରୀ କରୋନା ଆରମ୍ଭ ହେବାଠାରୁ ବେପାର ମାନ୍ଦା ପଡ଼ିଛି। ମତ୍ସ୍ୟ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ବିଶେଷ ଉତ୍ସାହ ଦେଖିବାକୁ ମିଳୁନାହିଁ। ରପ୍ତାନି କ୍ଷେତ୍ରରେ ବାଧା ଉପୁଜୁଥିବାରୁ ଉଭୟ ବ୍ୟବସାୟୀ ଓ ମାଲିକ ନିରାଶ ହୋଇ ରହିଛନ୍ତି।

ପାହାନ୍ତାରେ ନିଲାମ ଡାକରାରୁ ଆରମ୍ଭ ହୁଏ ଏଠାକାର ସକାଳ। ଏହାପରେ ଆରମ୍ଭ ହୋଇଯାଏ କାରବାର। ମାଛ ବ୍ୟବସାୟୀ, ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ କୋଳାହଳରେ ଗହଳଚହଳ ଲାଗେ ବଳରାମଗଡ଼ି ମାଛଧରା ବନ୍ଦର। ପ୍ରତିଦିନ ହଜାର ହଜାର ଛୋଟବଡ଼ ବୋଟ୍ ସମୁଦ୍ରକୁ ଯାଆନ୍ତି ମାଛ ମାରିବାକୁ। ଉତ୍ତର ଓଡ଼ିଶାର ପ୍ରମୁଖ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ଭାବରେ ବଳରାମଗଡ଼ିର ବେଶ୍ ସୁନାମ ରହିଥିବା ବେଳେ ପ୍ରତିଦିନ ପ୍ରାୟ ୮ହଜାର ମେଟ୍ରିକ୍ ଟନ୍ ମତ୍ସ୍ୟ ଉତ୍ପାଦନ ହୁଏ। ଯେଉଁଠାରୁ କି ମାଛ ଜିଲା, ରାଜ୍ୟ, ରାଜ୍ୟ ବାହାରକୁ ଯିବା ସହ ବିଦେଶକୁ ମଧ ରପ୍ତାନି ହୁଏ। ଏଠାରୁ ଉତ୍ପାଦନ ହେଉଥିବା ପାମ୍ପଲେଟ୍

### ନିଲାମ ଡାକରାରୁ ଆରମ୍ଭ ହୁଏ ସକାଳ

ମାଛର ଆକାର ବେଶ୍ ବଡ଼, ସୁଆଦିଆ ହୋଇଥିବାରୁ ପ୍ରତିଦିନ ଭିଏତନାମ, ଚାଇନା, ସିଙ୍ଗାପୁର ଓ ଇଣ୍ଡୋନେସିଆକୁ ରପ୍ତାନି ହେଉଥିଲା। ହେଲେ କରୋନା ପରଠାରୁ ପରିସ୍ଥିତି ବଦଳିଯାଇଛି। ବାହାରକୁ ମାଛ ରପ୍ତାନିରେ ଅଙ୍କୁଶ ଲାଗିଛି।

ପ୍ରତିଦିନ ୪୫୦ ବଡ଼ ଟ୍ରଲର ସହ ୨୫୦ ଭୁଟୁଭୁଟିରେ ଆବଶ୍ୟକ ସାମଗ୍ରୀ ନେଇ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ସମୁଦ୍ରକୁ ଯାଉଛନ୍ତି। ପୂର୍ବଭଳି ମାଛ ମାରୁଥିଲେ ମଧ ଏବେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ବୋଟ୍ ମାଲିକମାନେ କହିଛନ୍ତି। ବାଲେଶ୍ୱର ବଳରାମଗଡ଼ି ମାଛଧରା

### ମାଛଧରା ବନ୍ଦର ବଳରାମଗଡ଼ି



ବଳରାମଗଡ଼ି ମୁହାଣରୁ ଧରାଯାଇଥିବା ପାମ୍ପଲେଟ୍ ମାଛ।

ବନ୍ଦରରେ ୧୦ହଜାର ଶ୍ରମିକ ଓ ମାଲିକ ନିର୍ଭର କରି ଚଳନ୍ତି। ଯେତେବେଳେ ବିଦେଶକୁ ପାମ୍ପଲେଟ୍ ମାଛ ରପ୍ତାନି ହେଉଥିଲା ବ୍ୟବସାୟୀମାନେ ବେଶ୍ ଲାଭବାନ ହେବା ସହ ବୋଟ୍‌ରେ କାମ କରୁଥିବା ଶ୍ରମିକମାନଙ୍କୁ ସୁବିଧାରେ ମଜୁରି ଦେବା ସହ ଅଧିକ ଶ୍ରମିକ ମଧ ନିଯୁକ୍ତି ପାଉଥିଲେ। ହେଲେ ଗୋଟିଏ ପଟେ ରପ୍ତାନି ବନ୍ଦ ସାଙ୍ଗକୁ ତୈଳ ଦରର ଅଭିବୃଦ୍ଧି ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି।

ବ୍ୟବସାୟୀ ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି, ଚଳିତବର୍ଷ ଅବସ୍ଥା ସାଂଘାତିକ। ଆଗଭଳି ମାଛ ବିକ୍ରି ହେଉନାହିଁ। ବିଦେଶକୁ ମାଛ ରପ୍ତାନି ବନ୍ଦ ହୋଇଯାଇଛି। ପୂର୍ବରୁ କିଲୋ ୧ହଜାରରୁ ୧୨ଶହ ଟଙ୍କା ମଧରେ ମାଛ ବିକ୍ରି ହେଉଥିବା ବେଳେ ଏବେ ୫ଶହରୁ ୬ଶହ ଟଙ୍କା ମଧରେ ବିକ୍ରି ହେଉଛି। ରୋଜଗାର ଅର୍ଥରେ ପରିବାର ଭରଣପୋଷଣ, ପିଲାମାନଙ୍କର ପାଠପଢ଼ା ସବୁ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି।

ଟ୍ରଲର ମାଲିକ ସେକ୍ ରଜାଉଦ୍ଦିନ କୁହନ୍ତି, ବଳରାମଗଡ଼ି ସମୁଦ୍ର ମୁହାଣରୁ ବଡ଼ ବଡ଼ ତଥା ମୂଲ୍ୟବାନ ମାଛ ଧରାଯାଇଥାଏ। ସେଥିପାଇଁ କେରଳ, ତାମିଲନାଡୁ, ମୁମ୍ବାଇ, ଚେନ୍ନାଇରୁ ବଡ଼ ବଡ଼ ବ୍ୟବସାୟୀ ଏଠାରେ ପହଞ୍ଚି ମାଛ ସଂଗ୍ରହ କରି ବିଦେଶକୁ ରପ୍ତାନି କରିଥାନ୍ତି। ବିଶେଷ କରି ପାମ୍ପଲେଟ୍, ଚାନ୍ଦି, ରିବନ ଫିଶ୍, ପାଟିଆ ଭଳି ଦାମୀ ମାଛ ବିଦେଶକୁ ରପ୍ତାନି କରିଥାନ୍ତି। କରୋନା କଟକଣା ଯୋଗୁ ଉକ୍ତ ବ୍ୟବସାୟୀମାନେ ଏଠାକୁ ଆସୁନାହାନ୍ତି। ବର୍ତ୍ତମାନ କେବଳ ଭାରତ ଭିତରେ ମାଛ ବିକ୍ରି କରାଯାଉଛି। ଫଳରେ ଅଧିକ ପରିମାଣରେ ମାଛ ଗଚ୍ଛିତ ହେବାରୁ ମୂଲ୍ୟ ହ୍ରାସ ପାଉଛି।

ଟ୍ରଲର ମାଲିକ ତଥା ବ୍ୟବସାୟୀ ସେକ୍ ମିଜାଉଦ୍ଦିନ କୁହନ୍ତି, ଭାରତ ଓ ଚାଇନା ସୀମା ବିବାଦ ପରେ ଚାଇନାକୁ ମାଛ ରପ୍ତାନି ଉପରେ ଅଙ୍କୁଶ ଲାଗିଛି। ଅନ୍ୟପକ୍ଷରେ କରୋନାରେ ବ୍ୟବସାୟୀମାନେ ମଧ ଆସୁନାହାନ୍ତି। ଅହେତୁକ ତୈଳଦର ବୃଦ୍ଧି ଟ୍ରଲର ମାଲିକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି। ବାଲେଶ୍ୱର ଜିଲା ସମୁଦ୍ରକୂଳରେ ଥିବା ବଳରାମଗଡ଼ିଠାରେ ଏକ ଆନ୍ତର୍ଜାତିକ ମାଛ ମାର୍କେଟ୍ ନିର୍ମାଣ କରାଗଲେ ବ୍ୟବସାୟୀମାନେ ଉପକୃତ ହୋଇପାରନ୍ତେ।

### ୬୨ ଗାଡ଼ିରୁ ୩ ଲକ୍ଷ ୧୨ହଜାର ଜରିମାନା ଆଦାୟ

**ବଡ଼ବିଲ, ୨୦।୧୨(ସ୍ୱ.ପ୍ର)**

କେନ୍ଦୁଝର ଜିଲା ବଡ଼ବିଲ କିରିବୁରୁ ଛକଠାରେ ରବିବାର ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ଯାନବାହନ ତନଖି କରି ମୋଟ ୬୨ଟି ଗାଡ଼ିରୁ ୩ ଲକ୍ଷ ୧୨ ହଜାର ଟଙ୍କା ଜରିମାନା ଆଦାୟ କରିଛି। ବିଶେଷ କରି ଦୁଇ ଚକିଆ ଯାନ ଚାଳକଙ୍କ ହେଲମେଟ ତନଖି ଓ ମଦ୍ୟପାନ କରି ଗାଡ଼ି ଚାଳନାର ଯାଞ୍ଚ କରାଯାଇଥିଲା। ତେବେ ଭାରୀଯାନଗୁଡ଼ିକ ଦ୍ରୁତଗତି ସହ ଓଭରଟେକ୍ କରି ଦୁଇ ୩ ଧାଡିରେ ରାସ୍ତାକୁ ଅବରୋଧ କରି ଛିଡ଼ା ହେଉଥିଲେହେଁ ସେଗୁଡ଼ିକଠାରୁ ଜରିମାନା ଆଦାୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ରାଜପଥ ସହ ଜାତୀୟ ରାଜପଥ ଭାରୀଯାନ କବଳିତ ହୋଇ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ୍‌ରେ ସାଧାରଣ ଯାତାୟାତ ସହ ଆମ୍ବୁଲାନ୍ସ ମଧ ଅଟକି ରହୁଛି। ରାସ୍ତା ଜାମ କରୁଥିବା ଗାଡ଼ିଗୁଡ଼ିକ ଉପରେ ଅଙ୍କୁଶ ନ ଲଗାଇବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଦୈନନ୍ଦିନ ଟ୍ରାଫିକ ସମସ୍ୟାକୁ ଏଡ଼ାଇବାକୁ ପ୍ରଶାସନ ପକ୍ଷରୁ ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଆରମ୍ଭ ହେଲା ଖରିଫ ଧାନ ସଂଗ୍ରହ

**ଭଦ୍ରକ ଅଫିସ, ୨୦।୧୨**

ଭଦ୍ରକ ଜିଲାରେ ରବିବାରଠାରୁ ଖରିଫ୍ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହେବା ପରେ ବିଧିବଦ୍ଧ ଭାବେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ଭଦ୍ରକ ବ୍ଲକ ଅର୍ଣ୍ଣପାଳ ସେବା ସମବାୟ ସମିତିଠାରେ ଜିଲାର ପ୍ରଥମ କରି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ପ୍ରମୁଖ ଯୋଗଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଏହି ମଣ୍ଡିରେ ୩ ଚାଷୀଙ୍କଠାରୁ ଧାନ କିଣାଯାଇଛି। ରବିବାରଠାରୁ ଏହି ମଣ୍ଡିରେ ଚାଷୀମାନେ ଧାନ ଦେଇପାରିବା ସହ ଅନ୍ୟ ମଣ୍ଡିଗୁଡ଼ିକରେ ମଧ ଧାନ ବିକ୍ରି ବ୍ୟବସ୍ଥା କରାଯାଇଛି। ଧାନ ଦେଇ ଚାଷୀମାନେ ଯେପରି ଟଙ୍କା ପାଇବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସମବାୟ ସମିତିର ଅଧିକାରୀମାନେ ଯତ୍ନଶୀଳ ହୋଇ କାର୍ଯ୍ୟ କରିବାକୁ ବିଧାୟକ ମଲ୍ଲିକ କହିଛନ୍ତି। ଏପରିକି କେହି ଦଲାଲ ଗିରି କରି ଚାଷୀମାନଙ୍କୁ ହଇରାଣ କରୁଥିବା ସେମାନେ ଜିଲା ପ୍ରଶାସନକୁ ଜଣାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏମ୍‌ପି ମଣ୍ଡଳ କହିଛନ୍ତି।

# ୧୦ ସମିତି, ୭ ମହିଳା ଗୋଷ୍ଠୀ କିଣିବେ ଧାନ




ଧାନ ମଣ୍ଡି ଖୋଲାଯିବା ବେଳେ ଉପସ୍ଥିତ ଅଧିକାରୀ, ସରପଞ୍ଚ ଓ ଚାଷୀ।

**ବନ୍ତ, ୨୦।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଚଳିତ ଖରିଫ୍ ଧାନ ସଂଗ୍ରହ ପାଇଁ ରବିବାର ମଣ୍ଡି ଖୋଲାଯାଇଛି। ଏଥର ବ୍ଲକର ୧୦ ସେବା ସମବାୟ ସମିତି ସମେତ ରାମଚନ୍ଦ୍ରପୁର, ରାମକୃଷ୍ଣପୁର, ରାମପୁର, ଛୟାଳସିଂ, ଚାରିଗାଁ, ଗୋପିନାଥପୁର, ତୋଡଗାଁ ଆଦି ପଞ୍ଚାୟତର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଧାନ କିଣିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ୭ ପଞ୍ଚାୟତରେ ମହିଳା ଗୋଷ୍ଠୀ ପକ୍ଷରୁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏ ସମସ୍ତ ମଣ୍ଡି ସପ୍ତାହରେ ୨ ଦିନ ଧାନ କିଣିବେ। ୧୦ ସମିତି ମଧ୍ୟରୁ ବସନ୍ତିଆ, ଗିଲୋ, ଗଣିଜାଙ୍ଗ, ସେଣ୍ଡତୀରା ଆଦି ସମିତିରେ ମଣ୍ଡି ଖୋଲିଛି। ଗିଲୋ ସମିତିରେ ସରପଞ୍ଚ ନିହାରିକା ରାଉତ ମଣ୍ଡି ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଡିଇଓ ପ୍ରତାପ ନାୟକ, ଚାଷୀ କମିଟି ସଭ୍ୟ ବିଜୟ ନାୟକ, ପ୍ରଭାସ ସାହୁ, ସତ୍ୟାନନ୍ଦ ବେହେରା ଓ ପ୍ରବୀର ରାଉତ ଉପସ୍ଥିତ ଥିଲେ। ଗଣିଜାଙ୍ଗ ସମିତିରେ ସରପଞ୍ଚ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। କର୍ମଚାରୀ ସନାତନ ବେହେରା ଓ ଡିଇଓ ଦୀପକ ବାରିକ ଯୋଗ ଦେଇଥିଲେ। ସେଣ୍ଢତୀରାରେ ମଣ୍ଡି ଉଦ୍‌ଘାଟନ ବେଳେ ପ୍ରାକ୍ତନ ସଭାପତି ପ୍ରେମାନନ୍ଦ ନାୟକ, ପ୍ରଶାନ୍ତ ସାମଲ, ସମ୍ପାଦକ ଈଶ୍ୱର ଜେନା ଓ ଡିଇଓ ସନ୍ତୋଷ ସେନାପତି ଉପସ୍ଥିତ ଥିଲେ।

# ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବାରିପଦା ଅଫିସ, ୨୦।୧୨**

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସଞ୍ଜୟ ରଞ୍ଜନ ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ସର୍ବମୋଟ୍ ୪୪୪ଟି ବିଭିନ୍ନ ମାମଲାର ଫଇସଲା କରାଯାଇ ୨କୋଟି ୭୧ଲକ୍ଷ ୯୬ ହଜାର ୨୩୭ ଟଙ୍କା ଆଦାୟ ହୋଇଥିଲା। ଏସ୍‌ବିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ପିଏନ୍‌ବି, ଇଣ୍ଡିଆନ୍ ଓଭରସିଜ୍ ଓ ଏଚ୍‌ଡିଏଫ୍‌ସି ଆଦି ବିଭିନ୍ନ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ମଠରୁ ମୃତଦେହ ଜବତ

**ଉଦଳା, ୨୦।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନାଠାରୁ ଦୁଇଶହ ମିଟର ଦୂରରେ ଥିବା ଗୌଡ଼ୀୟ ମଠରେ କାର୍ଯ୍ୟରତ ଜଣେ ରୋଷେୟାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି । ମୃତକ ହେଲେ ଅଚ୍ୟୁତ ବ୍ରହ୍ମଚାରୀ। ରବିବାର ସକାଳୁ ଅଚ୍ୟୁତ ଘରର କବାଟ ନ ଖୋଲିବାରୁ ମଠର ଅନ୍ୟ ବ୍ରହ୍ମଚାରୀମାନେ ତାଙ୍କୁ ଡାକିଥିଲେ। ହେଲେ ସେ ନ ଶୁଣିବାରୁ କବାଟ ଭାଙ୍ଗି ଦିଆଯାଇଥିଲା। ଘର ଭିତରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ମଠ କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ଉଦଳା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ୭ ଚୋରା ମଦ ବେପାରୀ ଗିରଫ

**ସୋର, ୨୦।୧୨(ଡି.ଏନ୍.ଏ.)**

ସୋର ଅବକାରୀ ବିଭାଗ ପକ୍ଷରୁ ରବିବାର ସୋର ଏବଂ ସିମୁଳିଆ ଅଞ୍ଚଳରେ ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହିତ ୭ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋର ସରଶଂଖ ଗ୍ରାମର ଦାମୋଦର ସାହୁ, ସିମୁଳିଆ ଥାନା ବଦୁଲି ଗ୍ରାମର ରତ୍ନାକର ବାରିକ, ବାଲିଖଣ୍ଡ ଗ୍ରାମର ସୁଭଦ୍ରା ଶିଅଳ, ପଇଁନ୍ତରୀସାହିର ପଦ୍ମାବତୀ ବେହେରା, ଅବଜଣା ଗ୍ରାମର କମଳାକାନ୍ତ ପରିଡ଼ା, ସୋର ଅଙ୍କବରମପୁର ଗ୍ରାମର ପ୍ରଭାକର ଜେନା ଓ ରାହୁଲ କୁମାର ଜେନା। ଅବକାରୀ ଅଧିକାରିଣୀ ସ୍ୱାତୀ ପଟ୍ଟନାୟକ ଓ ନୀଳଗିରି ଅବକାରୀ ଥାନା ଆଇଆଇସି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଭାସ୍କର ବେହେରା, ଦେବାଶିଷ ମଲ୍ଲିକ, ବିଦ୍ୟାଧର ବିନ୍ଧାଣୀ, ତପନ ମଲ୍ଲିକ, ମାନଗୋବିନ୍ଦ ମହାପାତ୍ର, ପ୍ରହ୍ଲାଦ ବିଶ୍ୱାଳ, ମୀନତି ଜେନା ଓ ରଶ୍ମିରେଖା ପାତ୍ର ପ୍ରମୁଖ ଚଢାଉରେ ସାମିଲ ଥିଲେ।

# କେନ୍ଦୁଝର ଜିଲା କଂଗ୍ରେସର ବୈଠକ

**କେନ୍ଦୁଝର, ୨୦।୧୨(ଡି.ଏନ୍.ଏ.)**

ତୃଣମୂଳସ୍ତରରେ କଂଗ୍ରେସକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ପାଇଁ ବ୍ଲକ କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ତଳସରାର ପୂର୍ବତନ ବିଧାୟକ ତଥା କେନ୍ଦୁଝର ଜିଲା ପ୍ରଭାରୀ ଡ଼ା. ପ୍ରଫୁଲ୍ଲ ମାଝୀ ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆସି ଜିଲା କଂଗ୍ରେସ ବୈଠକରେ ଯୋଗ ଦେଇଛନ୍ତି। ଜିଲାର ୧୩ଟି ବ୍ଲକ ଓ ୫ଟି ସହରାଞ୍ଚଳର ପ୍ରତିନିଧିମାନେ ଯୋଗ ଦେଇଥିବା ଏହି ବୈଠକରେ ଜିଲା ସଭାପତି ବିପ୍ଳବ ମିଶ୍ର ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ବ୍ଲକ କମିଟି, ପଞ୍ଚାୟତ କମିଟି ଓ ବୁଥ୍ କମିଟି ଗଠନ କରାଯାଇ ବ୍ଲକସ୍ତରର ସମସ୍ୟାକୁ ନେଇ ଆନ୍ଦୋଳନକୁ ତୀବ୍ରତର କରାଯିବ। ନୂଆ ପିଢ଼ିର ଯୁବକମାନଙ୍କୁ ଅଧିକ ସଂଖ୍ୟାରେ ସଂଗଠନରେ ସାମିଲ କରାଯିବା ସହ ତାଙ୍କୁ ତାଲିମ ପ୍ରଦାନ କରାଯିବ। ଜିଲା ପର୍ଯ୍ୟବେକ୍ଷକ ଡା.ମାଝୀ ତାଙ୍କ ବକ୍ତବ୍ୟରେ ସଂଗଠନକୁ କିଭଳି ଶକ୍ତିଶାଳୀ କରାଯିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲାର କଂଗ୍ରେସ ନେତା କର୍ମୀମାନେ ଯୋଗ ଦେବା ସହ ପୂର୍ବତନ ଜିଲା ସଭାପତି ମୋହନ ପରିଡ଼ା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ କାର୍ଯ୍ୟକାରୀ ସଭାପତି ରତି ବରାଳ, ମହିଳା କଂଗ୍ରେସ ସଭାନେତ୍ରୀ ସଂଗୀତା ସିଂ, ପୂର୍ବତନ ବିଧାୟକ ପ୍ରାର୍ଥୀ ବିନୋଦ ନାଏକ, ପ୍ରଶାନ୍ତ ଦଳେଇ, ଯଦୁମଣୀ ବାରିକ ଓ କେନ୍ଦୁଝର ଟାଉନ କଂଗ୍ରେସର ସଭାପତି ବସନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପୁଣି ନକଲି ଜର୍ଦ୍ଦା କାରଖାନା ଠାବ



ଜବତ ହୋଇଥିବା ନକଲି ଜର୍ଦ୍ଦା।

**ଭଦ୍ରକ ଅଫିସ, ୨୦।୧୨**

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଶନିବାର ରାତିରେ ପୁଣି ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ପଠାଣସାହି ଛଡ଼ାକମହଲା ଅଞ୍ଚଳରେ ଏହି ନକଲି ଜର୍ଦ୍ଦା କାରଖାନା ଦୀର୍ଘଦିନ ଧରି ଚାଲିଆସିଥିବା ପୋଲିସ ଜାଣିବାକୁ ପାଇଥିଲା। ଥାନାଧିକାରୀ ଗଣେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ଜର୍ଦ୍ଦା ପ୍ରସ୍ତୁତ କଞ୍ଚାମାଲ, ଏସେନ୍ସ, ନାମୀଦାମୀ କମ୍ପାନୀର ହୋଲୋଗ୍ରାମ୍, ପ୍ୟାକିଂ ମେଶିନ ଆଦି ଜବତ କରିଥିଲା। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଶେଖ୍ ସୁଫିୟାନଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୪୬/୨୦) ରୁଜୁ କରାଯାଇଛି। ସୂଚନା ଥାଉ କି, ଦୁଇଦିନ ପୂର୍ବେ ପୋଲିସ ବଡ଼ଶଙ୍କରପୁର ଅଞ୍ଚଳରୁ ଏକ ଜର୍ଦ୍ଦା କାରଖାନା ଠାବ କରିବା ସହ ଜଣଙ୍କୁ ଗିରଫ କରିଥିଲା।

# ବାପୁଜୀ କ୍ରିକେଟ୍ ଟୁର୍ନାମେଣ୍ଟ: ଅନ୍ତରା ଚାମ୍ପିୟନ

**ଖଇରା, ୨୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦା ପଞ୍ଚାୟତ ଅଧୀନ ରସୁଣା ଖେଳ ପଡିଆରେ ଚାଲିଥିବା ବାପୁଜୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଅନ୍ତରା ଟିମ୍ ଆଗରପଡାର ଶ୍ରୀରାମପୁର ଟିମ୍‌କୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଶ୍ରୀରାମପୁର ଟିମ୍ ୧୫ ଓଭରରେ ୧୫୦ ରନ ସଂଗ୍ରହ କରିଥିଲା । ଜବାବରେ ଅନ୍ତରା ୧୨ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟଲାଭ କରିଥିଲା । ସୁଶାନ୍ତ ଦାସ ଓ ରାଜେନ୍ଦ୍ର ବାରିକ ମ୍ୟାଚ ପରିଚାଳନା କରିଥିଲେ । ବିଶିଷ୍ଟ ପ୍ରଧାପକ ବିମଳ କୁମାର ବାରିକଙ୍କ ପୌରୋହିତ୍ୟରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବନେତା ବେଣୁମାଧବ ପଣ୍ଡା, ଯାତ୍ରା କଳାକାର ବାପି ପଣ୍ଡା, ପୂର୍ବତନ ସରପଞ୍ଚ ପରିକ୍ଷିତ ମହାପାତ୍ର, ଶିକ୍ଷକ ପ୍ରଫୁଲ୍ଲ ଦାସ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ୪ହଜାର ଓ ରନର୍ସ ଅପ ଦଳକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ବାପୁଜୀ କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି।

# ବଢୁଛି ଝାଡ଼ଖଣ୍ଡୀ ହାତୀପଲଙ୍କ ଉତ୍ପାତ

**ବୈଶିଙ୍ଗା, ୨୦।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ ଅଞ୍ଚଳରେ ଅକ୍ଟୋବର ମାସରୁ ୭୦ରୁ ଅଧିକ ଝାଡ଼ଖଣ୍ଡୀ ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରି ଚାଲିଛନ୍ତି। ବେତନଟୀ ରେଞ୍ଜ ଅନ୍ତର୍ଗତ ବେଶିଙ୍ଗା ବନପାଳ କ୍ଷେତ୍ର ଅଧୀନ କଳମା ପଞ୍ଚାୟତର କଣ୍ଟିପୁର, ବାଙ୍କଡୀରା, ଆମ୍ବୁଲକୁଡ଼ା, ବୈଶିଙ୍ଗା ପଞ୍ଚାୟତ ଅନ୍ତର୍ଗତ କ୍ଷିରପଦା, ହାତୀପଟୁକା, ଦଲଦଲି, ମୋହନପୁର, ପଦ୍ମପୁର, ଗଡ଼ଦେଉଳିଆ ପଞ୍ଚାୟତର ଶ୍ରୀବସ୍ତପୁର ଓ ମହୁଲିଆ ଗ୍ରାମ ସମେତ ନଡ଼ପୁର, ପାଟଳୀପୁରା, ମେରଦା ଓ ସନ୍ତରା ପଞ୍ଚାୟତର ପ୍ରାୟ ୮୦ ଖଣ୍ଡ ଗ୍ରାମରେ ହାତୀପଲ ବିପୁଳ ପରିମାଣର କ୍ଷୟକ୍ଷତି କରଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ।



ଉତ୍ପାତ ଚଳାଇଥିବା ହାତୀ।

ଏ ସଂକ୍ରାନ୍ତରେ ବେତନଟୀ ରେଞ୍ଜ ଅଧିକାରୀ ଘନଶ୍ୟାମ ସିଂହଙ୍କୁ ପଚାରିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ହାତୀ ପଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଧନ ଜୀବନ ରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରାଯାଉଛି। ତେବେ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ହାତୀପଲ ପୂର୍ବ ଭଳି ଘର ଭାଙ୍ଗିବା, କଦଳୀ ବାଡ଼ି ,ଧାନ ଫସଲ ଓ ପନିପରିବା କ୍ଷେତ ନଷ୍ଟ କରୁଥିବା କହିଛନ୍ତି। ହାତୀପଲଙ୍କ ନିରାପଦ ଗମନାଗମନ ସୁବିଧା ନିମନ୍ତେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଧିକାଂଶ ସମୟରେ ବିଜୁଳି କାଟ୍ କରାଯାଉଛି। ଫଳରେ ଜନସାଧାରଣଙ୍କୁ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାତି ସମୟରେ ଲାଇନ୍ ରହୁ ନ ଥିବାରୁ ବହୁ ଲୋକଙ୍କ ଘରୁ ଚୋରି ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

